NEHRU BAL PUSTAKALAYA

# କାଣିଆ କପିଳା

ରବୀନ୍ଦ୍ରନାଥ ସାହୁ

Digitized by srujanika@gmail.com

ଏହି ପୁସ୍ତକଟି ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ୍, ଇଣ୍ଡିଆ ଓ ଓଡ଼ିଶା ଲଳିତ କଳା ଏକାଡ଼େମୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ପ୍ରସ୍ତୁତ ।

ISBN 81-237-3535-9

*2001* (ଶକାବ୍ଦ *1923*)

© ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ୍, ଇଣ୍ଡିଆ, 2001

Kashia Kapila *(Oriya)*

ଟ. **25.00**

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ୍, ଇଣ୍ଡିଆ, ଏ-5, ଗ୍ରୀନ୍ ପାର୍କ,
ନୂଆଦିଲ୍ଲୀ-110 016 କର୍ତ୍ତୃକ ପ୍ରକାଶିତ ।

Digitized by srujanika@gmail.com

ନେହେରୁ ବାଳ ପୁସ୍ତକାଳୟ

# କାଶିଆ କପିଳା

କାହାଣୀ ଓ ଚିତ୍ର
**ରବୀନ୍ଦ୍ରନାଥ ସାହୁ**

एका: सूते सकलम्
ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

କପିଳାର ଗୁଣରେ ଖୁସି ହୋଇ ତାଙ୍କ ଗାଁର ଜଣେ ବ୍ରାହ୍ମଣ ଲୋକ ତାକୁ ତାଙ୍କ ଘରେ ରଖିଥିଲେ । ବାପା-ମା' ଛେଉଣ୍ଡ ଏଇ ପିଲାଟିକୁ ସେ ପୁଅପରି ଦେଖୁଥିଲେ । ତାଙ୍କ ପୁଅ କାଶିଆ ଥିଲା କପିଳା ବୟସର । ପାଠ ପଢ଼ିବା ପରେ ଦୁହେଁ ପ୍ରତିଦିନ ପାଖ ବଣକୁ ଘରର ଗୋରୁଗାଈ ଚରାଇବାକୁ ଯାଉଥିଲେ । ବଣରେ ବୁଲିବାକୁ ଦୁହିଁଙ୍କୁ ଭାରି ଭଲ ଲାଗୁଥିଲା ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଥରେ ଦି' ପହରରେ କପିଳା ଥକ୍କା ହୋଇ ଗୋଟିଏ ବରଗଛ ମୂଳରେ ଶୋଇଥିଲା । କାଶିଆ ଦୂରରୁ ଦେଖିଲା, ବିରାଟ ନାଗସାପଟିଏ କପିଳା ମୁଣ୍ଡରେ ଫଣା ଟେକି ରହିଛି । ସେ ଭୟରେ କିଛି ସମୟ ଦୂରରେ ଅପେକ୍ଷା କରି ରହିଲା ।

Digitized by srujanika@gmail.com

Digitized by srujanika@gmail.com

ସାପଟି ଧୀରେ ଧୀରେ ହୁଙ୍କା ଭିତରକୁ ଚାଲିଯିବାପରେ କାଶିଆ କପିଳାକୁ ନିଦରୁ ଉଠାଇ ସାପ ଦେଖିଥିବା କଥା କହିଲା ।

Digitized by srujanika@gmail.com

Digitized by srujanika@gmail.com

ସେଦିନ ଗୋରୁନେଇ ଦି'ଜଣ ଗାଁକୁ ଫେରିଲେ । ଲୋକମାନଙ୍କୁ ଡାକି ଘଟଣାଟି କହିଲେ । ବୁଢ଼ା ବୁଢ଼ୀ ଲୋକେ ଶୁଣିବା ପରେ କହିଲେ, "ଆରେ, କପିଳା ଦିନେ ନା ଦିନେ ରାଜା ହେବ ।"

Digitized by srujanika@gmail.com

Digitized by srujanika@gmail.com

କାଶିଆ ଭାରି ଖୁସି ହୋଇଗଲା । ସେ କପିଳାକୁ କୁଣ୍ଢେଇ ପକେଇ କହିଲା, "ତୁ ରାଜା ହେଲେ ମୋତେ ସାଙ୍ଗରେ ରଖିବୁଟି?" କପିଳା ଆନନ୍ଦରେ ହସି ହସି କହିଲା, "ମୁଁ ରାଜା ହେଲେ ତୁ କ'ଣ ଏମିତି ରହିବୁ? ତୋତେ ମୁଁ ମନ୍ତ୍ରୀ କରିବି ।"

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

କପିଳାର ମନ ଏବେ ଭାରି ଖୁସି । ସତେ ଯେମିତି ସେ ଆକାଶରେ ଉଡୁଛି । କିଛିଦିନ ବିତିଗଲା । ଓଡ଼ିଶାର ରାଜା ସେତେବେଳେ ପୁରୀରେ ରହୁଥିଲେ । ରାଜା ଦେଖିବାକୁ କେମିତି, ସେ କଥା ଜାଣିବାକୁ କପିଳାର ମନ ହେଲା । ଦିନେ ସେ ହଠାତ୍ କାହାକୁ କିଛି ନ କହି ଲୁଚି ଲୁଚି ପୁରୀ ପଳେଇଲା ।

Digitized by srujanika@gmail.com

Digitized by srujanika@gmail.com

ସେତେବେଳେ ଓଡ଼ିଶାର ରାଜା ଥାଆନ୍ତି ଭାନୁଗଙ୍ଗ ଦେବ । ସେ ସକାଳେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ । ଫେରିବା ସମୟରେ ମନ୍ଦିର ବେଢ଼ାରେ ସେ କପିଳାକୁ ଦେଖିଲେ । ତା ସୁନ୍ଦର ଚେହେରା ରାଜାଙ୍କୁ ଭଲ ଲାଗିଲା ।

Digitized by srujanika@gmail.com

Digitized by srujanika@gmail.com

କପିଳାକୁ ପାଖକୁ ଡାକି ରାଜା ତା'ର ପରିଚୟ ପଚାରିଲେ । ଜାଣିଲେ, ତା'ର ବାପା-ମା' ନାହାଁନ୍ତି । ରାଜାଙ୍କୁ କପିଳାର କଥାବାର୍ତ୍ତା ଭଲ ଲାଗିଲା । ସେ ତାକୁ ପୁଅପରି ପାଳିବା ସକାଶେ ନଅରକୁ ନେଇଗଲେ ।

Digitized by srujanika@gmail.com

Digitized by srujanika@gmail.com

ରାଜ-ନଅରରେ କପିଳା ରାଜା ପୁଅ ପରି ରହିଲା । ସେ ପାଠପଢ଼ା ସାଙ୍ଗକୁ ଯୁଦ୍ଧ ବିଦ୍ୟା ମଧ୍ୟ ଶିଖିଲା । ଅଳ୍ପଦିନ ଭିତରେ ସବୁ ବିଦ୍ୟାରେ ସେ ପାରଙ୍ଗମ ହୋଇଉଠିଲା ।

Digitized by srujanika@gmail.com

Digitized by srujanika@gmail.com

କପିଳାକୁ ରାଜା ସେନାବାହିନୀର ଦାୟିତ୍ୱ ଦେଲେ । ଶତ୍ରୁ ରାଜ୍ୟ ସହ ଯୁଦ୍ଧରେ ସେନାପତି ହୋଇ ସେ ଜିଣିଗଲା । ରାଜା ଭାରି ଖୁସି ହେଲେ । କପିଳାର ପ୍ରଶଂସା ଚାରିଆଡ଼େ ବ୍ୟାପିଗଲା ।

Digitized by srujanika@gmail.com

Digitized by srujanika@gmail.com

ରାଜା ଭାନୁଗଙ୍ଗ ଦେବଙ୍କର କୌଣସି ପିଲାପିଲି ନଥିଲେ । ତେଣୁ ସେ ତାଙ୍କ ଦରବାରରେ ଥିବା ରାଜ୍ୟର ସମ୍ଭ୍ରାନ୍ତ ଲୋକ, ମୁଖିଆ ଓ ମନ୍ତ୍ରୀଙ୍କୁ ପଚାରିଲେ । କପିଳାର ଗୁଣରେ ସମସ୍ତେ ଖୁସି ଥିଲେ । ସେମାନେ ରାଜାଙ୍କୁ କପିଳାକୁ ଯୁବରାଜ କରିବାକୁ କହିଲେ । ରାଜା ସେମାନଙ୍କ କଥା ମାନିନେଲେ । କପିଳା ଏବେ ହେଲା ରାଜ୍ୟର ଯୁବରାଜ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଭାନୁଗଙ୍ଗ ଦେବ ବୁଢ଼ା ହୋଇଯାଇଥିଲେ । ସେ ବେଶି ଦିନ ରହିଲେ ନାହିଁ । ତାଙ୍କ ପରେ ରାଜ୍ୟର ଯୁବରାଜ ଭାବରେ କପିଳା ରାଜା ହେଲା । ତା'ର ନାଁ ହେଲା 'କପିଳେନ୍ଦ୍ର ଦେବ' ।

କପିଳେନ୍ଦ୍ର ଦେବ ରାଜା ହେବା କଥା ଓଡ଼ିଶା ସାରା ଚହଳ ପଡ଼ିଗଲା । ଗାଁରେ କାଶିଆ ଏ କଥା ଶୁଣିଲା । ସାଙ୍ଗକୁ ଭେଟିବା ସକାଶେ ସେ ପୁରୀ ଆସିଲା । ବହୁତ ଦିନ ବିତିଯାଇଥିଲା । ତେଣୁ, ରାଜା କପିଳେନ୍ଦ୍ର ଦେବ ହଠାତ୍ ତାକୁ ଚିହ୍ନି ପାରିଲେ ନାହିଁ ।

Digitized by srujanika@gmail.com

Digitized by srujanika@gmail.com

ତହୁଁ କାଶିଆ ନିଜ ପିଲାଦିନର କଥା ମନେ ପକାଇଦେଲା । କପିଳେନ୍ଦ୍ର ଦେବ ପିଲାଦିନର କଥା ମନେପକାଇଲେ । ତାଙ୍କ ପ୍ରିୟ ସାଙ୍ଗ କାଶିଆକୁ ସେ କୁଣ୍ଢାଇ ପକାଇଲେ ।

Digitized by srujanika@gmail.com

Digitized by srujanika@gmail.com

ସାଙ୍ଗଙ୍କୁ ଭେଟିସାରି କାଶିଆ ଗାଁକୁ ଫେରିବାକୁ ଚାହିଁଲା । କପିଳେନ୍ଦ୍ର ଦେବ କହିଲେ, "ତୁ କ'ଣ ପିଲାଦିନ କଥା ଭୁଲିଗଲୁ? ମୁଁ ତୋତେ ମନ୍ତ୍ରୀ କରିବି ବୋଲି ପରା କହିଥିଲି ।" ପାରିଷଦମାନେ ଦୁଇ ବନ୍ଧୁଙ୍କର ବନ୍ଧୁତାର ଜୟ ଜୟକାର କଲେ । କାଶିଆ ଏବେ ହେଲା ରାଜ୍ୟର ନୂଆ ମନ୍ତ୍ରୀ । ତା'ର ନାଁ ହେଲା କାଶୀନାଥ ରାଜଗୁରୁ ।

*Laser typeset at Techno Visions, New Delhi and printed at Shagun Offset, New Delhi*

Digitized by srujanika@gmail.com

Digitized by srujanika@gmail.com



ଟ. 25.00

ISBN 81-237-3535-9

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com